**ଇଟାଲୀ ଗଣରାଜ୍ୟର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ଓ ଅନ୍ତର୍ରାଷ୍ଟ୍ରୀୟ ସହଯୋଗ ମନ୍ତ୍ରୀ ମହାମହିମ ଶ୍ରୀ ଆଣ୍ଟୋନିଓ ତଜାନୀଙ୍କ ଭାରତ ଗସ୍ତ**

ଡିସେମ୍ବର 11, 2025

ଇଟାଲୀ ଗଣରାଜ୍ୟର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ଓ ଅନ୍ତର୍ରାଷ୍ଟ୍ରୀୟ ସହଯୋଗ ମନ୍ତ୍ରୀ ମହାମହିମ ଶ୍ରୀ ଆଣ୍ଟୋନିଓ ତଜାନୀ 10-11 ଡିସେମ୍ବର 2025 ରେ ଭାରତ ଗସ୍ତରେ ଆସିଥିଲେ। ଉପ-ପ୍ରଧାନମନ୍ତ୍ରୀ ଶ୍ରୀ ତଜାନୀଙ୍କ ସହିତ ଇଟାଲୀରୁ ଏକ ବିଶାଳ 50-ସଦସ୍ୟ ବିଶିଷ୍ଟ ବ୍ୟବସାୟ ପ୍ରତିନିଧି ମଣ୍ଡଳ ଭାରତକୁ ଆସିଥିଲେ। ତାଙ୍କର ଏହି ଗସ୍ତ ଏହି ବର୍ଷ ମଧ୍ୟରେ ହୋଇଥିବା ଦ୍ୱିତୀୟ ଭାରତ ଗସ୍ତ ଥିଲା। ଏହି ବର୍ଷ ଏପ୍ରିଲ 2025 ରେ ସେ ଭାରତକୁ ଆସିଥିଲେ ଯେଉଁ ସମୟରେ ଭାରତ-ଇଟାଲୀ ବ୍ୟବସାୟ, ବିଜ୍ଞାନ ଓ ପ୍ରଯୁକ୍ତି ଫୋରମ୍ ର ଉଦ୍‌ଘାଟନୀ ଅଧିବେଶନ ଆୟୋଜିତ ହୋଇଥିଲା।

2. ନଭେମ୍ବର 2025 ରେ ଜୋହାନେସବର୍ଗଠାରେ ହୋଇଥିବା G20 ଶିଖର ସମ୍ମିଳନୀ ଅବସରରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଟାଲୀ ଗଣରାଜ୍ୟର ମନ୍ତ୍ରୀ ପରିଷଦର ଅଧ୍ୟକ୍ଷା ମାନ୍ୟବର ସୁଶ୍ରୀ ଜର୍ଜିଆ ମେଲୋନିଙ୍କ ମଧ୍ୟରେ ସାକ୍ଷାତ ପରେ ଇଟାଲୀର ଉପ-ପ୍ରଧାନମନ୍ତ୍ରୀ ଓ ବୈଦେଶିକ ମନ୍ତ୍ରୀ ଶ୍ରୀ ତଜାନୀଙ୍କର ଭାରତକୁ ଏହି ଗସ୍ତ ଆୟୋଜିତ ହୋଇଛି।

3. ଇଟାଲୀର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଶ୍ରୀ ତଜାନୀ ତାଙ୍କର ଏହି ଗସ୍ତ ସମୟରେ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଭେଟିବା ସହିତ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ମଧ୍ୟ ଭେଟିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଜରିଆରେ ଇଟାଲୀର ପ୍ରଧାନମନ୍ତ୍ରୀ ସୁଶ୍ରୀ ମେଲୋନୀଙ୍କ ପାଇଁ ଶୁଭେଚ୍ଛା ବାର୍ତ୍ତା ପଠାଇଥିଲେ ଏବଂ ଭାରତ-ଇଟାଲୀ ଦ୍ୱିପାକ୍ଷିକ ସମ୍ପର୍କର ସକରାତ୍ମକ ଅଭିବୃଦ୍ଧି ପାଇଁ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ।

4. ଭାରତର ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର ଦିଲ୍ଲୀରେ ଇଟାଲୀର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଶ୍ରୀ ତଜାନୀଙ୍କ ସହିତ ଏକ ପ୍ରତିନିଧି-ସ୍ତରୀୟ ବୈଠକ କରିଥିଲେ ଏବଂ ଦ୍ୱିପାକ୍ଷିକ ସହଯୋଗର ସମ୍ପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ସେମାନେ ମିଳିତ ରଣନୀତିକ କାର୍ଯ୍ୟ ଯୋଜନା (JSAP) 2025-29 ର ପ୍ରଗତି ବିଶେଷ କରି ବାଣିଜ୍ୟ ଓ ଅର୍ଥବ୍ୟବସ୍ଥା, ପ୍ରତିରକ୍ଷା ଓ ନିରାପତ୍ତା, ଆତଙ୍କବାଦ ମୁକାବିଲା, ମହାକାଶ, ବିଜ୍ଞାନ ଓ ପ୍ରଯୁକ୍ତି, ଅଭିନବତା, ନବୀକରଣ ଯୋଗ୍ୟ ଶକ୍ତି, ଶିକ୍ଷା ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ଉପରେ ସନ୍ତୁଷ୍ଟି ପ୍ରକାଶ କରିଥିଲେ। ଆତଙ୍କବାଦ ବିରୋଧରେ ବ୍ୟାପକ ସ୍ତରରେ ଓ ନିରନ୍ତର ଭାବରେ ସଂଗ୍ରାମ ଜାରୀ ରଖିବା ପାଇଁ ମିଳିତ ପ୍ରତିବଦ୍ଧତା ଅନୁଯାୟୀ ଆତଙ୍କବାଦକୁ ଆର୍ଥିକ ସହାୟତା ପ୍ରଦାନ ବିରୋଧରେ ଭାରତ-ଇଟାଲୀ ମିଳିତ ପଦକ୍ଷେପକୁ ତ୍ୱରିତ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଆଶା ରଖିଛନ୍ତି। ଆତଙ୍କବାଦ ବିରୋଧରେ ଭାରତ ନିଜର ଜିରୋ ଟଲରେନ୍ସ ନୀତିକୁ ଦର୍ଶାଇଥିଲା। ଉଭୟ ପକ୍ଷ

ସାମୁଦ୍ରିକ କ୍ଷେତ୍ରରେ ସୁରକ୍ଷା, ନିରାପତ୍ତା ଓ ବିକାଶ ପାଇଁ ସହଯୋଗ ବୃଦ୍ଧି କରିବା ପାଇଁ ସାମୁଦ୍ରିକ ସୁରକ୍ଷା ବୈଠକ ଆୟୋଜନ କରିବା ଉପରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଭାରତର ବୈଦେଶିକ ମନ୍ତ୍ରୀ ଏବଂ ଇଟାଲୀର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଶ୍ରୀ ତଜାନୀ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦକ୍ଷତା ଓ ଗତିଶୀଳତାରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେମାନେ ଭାରତ-ପ୍ରଶାନ୍ତ ମହାସାଗର, ୟୁକ୍ରେନ, ପଶ୍ଚିମ ଏସିଆ / ମଧ୍ୟପ୍ରାଚ୍ୟ ଏବଂ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରୀୟ ଏବଂ ଅନ୍ତର୍ରାଷ୍ଟ୍ରୀୟ ଘଟଣାକ୍ରମ ଉପରେ ଆଲୋଚନା କରିଥିଲେ।

5. ଇଟାଲୀର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଶ୍ରୀ ତଜାନୀଙ୍କର ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ ଡୋଭାଲଙ୍କ ସହ ହୋଇଥିବା ବୈଠକରେ ମୁଖ୍ୟତଃ ସୁରକ୍ଷା ସହଯୋଗ ଏବଂ ପ୍ରମୁଖ କ୍ଷେତ୍ରୀୟ ଓ ଅନ୍ତର୍ରାଷ୍ଟ୍ରୀୟ ଘଟଣାକ୍ରମ ଉପରେ ଆଲୋଚନା ହୋଇଥିଲା। ଭାରତ ମଧ୍ୟ-ପୂର୍ବ ୟୁରୋପ ଅର୍ଥନୈତିକ କରିଡର (IMEEC) ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ପାଇଁ ଉଭୟ ପକ୍ଷ ନିଜ ନିଜର ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଥିଲେ।

6. ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ଶ୍ରୀ ପୀୟୂଷ ଗୋୟଲ 11 ଡିସେମ୍ବରରେ ମୁମ୍ବାଇଠାରେ ଇଟାଲୀର ଉପ-ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ମନ୍ତ୍ରୀ ଶ୍ରୀ ତଜାନୀଙ୍କ ସହ ଏକ ଦ୍ୱିପାକ୍ଷିକ ବୈଠକ କରିଥିଲେ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶ ବୃଦ୍ଧି ଓ ବିବିଧତାର ବିଭିନ୍ନ ମାର୍ଗ ଉପରେ ଆଲୋଚନା କରିଥିଲେ। ସେମାନେ ଭାରତ-ଇଟାଲୀ ବ୍ୟବସାୟ ଫୋରମ୍ ର ମଧ୍ୟ ମିଳିତ-ଅଧ୍ୟକ୍ଷତା କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ଅଟୋମୋଟିଭ୍, ବର୍ଜ୍ୟରୁ ଶକ୍ତି ଓ ନବୀକରଣ ଯୋଗ୍ୟ, କ୍ରୀଡ଼ା ପ୍ରଯୁକ୍ତି, କୃଷି-ଖାଦ୍ୟ ଓ ସଂଯୋଗ କ୍ଷେତ୍ରରେ ଅନେକ ବ୍ୟବସାୟିକ ରାଉଣ୍ଡଟେବୁଲ୍ ବୈଠକ ଆୟୋଜନ କରାଯାଇଥିଲା। ଦୁଇ ମନ୍ତ୍ରୀ ଭାରତୀୟ ୟୁନିକର୍ନ ଗୁଡ଼ିକୁ ମଧ୍ୟ ଭେଟିଥିଲେ ଏବଂ ଭାରତ-ଇଟାଲୀ ଇନୋଭେସନ୍ ପ୍ରୟାସ ଉପରେ ଆଲୋଚନା କରିଥିଲେ।

7. ଭାରତ-ଇଟାଲୀ ଦ୍ୱିପାକ୍ଷିକ ସମ୍ପର୍କରେ ନିରନ୍ତର ଅଭିବୃଦ୍ଧି ଘଟୁଛି, ନିୟମିତ ଭାବରେ ଉଚ୍ଚ-ସ୍ତରୀୟ ବାର୍ତ୍ତାଳାପ, ମନ୍ତ୍ରୀ-ସ୍ତରୀୟ ଆଲୋଚନା ଓ ଘରୋଇ କ୍ଷେତ୍ର ସ୍ତରରେ ବୃଦ୍ଧି ପାଉଥିବା ଆଲୋଚନା ଭାରତ-ଇଟାଲି ରଣନୀତିକ ଭାଗିଦାରୀକୁ ଆହୁରି ଅଧିକ ସୁଦୃଢ଼ ତଥା ବିବିଧତାପୂର୍ଣ୍ଣ କରିଛି।

ନୂଆଦିଲ୍ଲୀ

ଡିସେମ୍ବର 11, 2025